## ସଂକ୍ଷେପରେ

### ଆରଦାରେ ଭୟ ଆତଙ୍କ ଜାରି
## କ୍ଷତାକ୍ତ ୮ ମେଣ୍ଢାଙ୍କ ମୃତ୍ୟୁ

**ଢେଙ୍କାନାଳ, ୧୮।୭(ରତନ ନାୟାର):** ଢେଙ୍କାନାଳ ସଦର ଥାନା ସୋଗରପଶି ପଞ୍ଚାୟତ ଆରଦା ଗ୍ରାମରେ ଗତ ଶନିବାର ଭୋର୍ ସମୟରେ ଚାଷୀ ସାଧୁ ଚରଣ ରାଉତଙ୍କ ଗୁହାଳରୁ ୪୨ ମେଣ୍ଢାଙ୍କ କ୍ଷତାକ୍ତ ମୃତଦେହ ଠାବ କରାଯାଇଥିଲା। ଗୁରୁତର ମେଣ୍ଢାଙ୍କ ମଧ୍ୟରୁ ୮ଟିର ଗତ ସୋମବାର ରାତିରେ ମୃତ୍ୟୁ ଘଟିଛି। ଏହାପରେ ମୋଟ ମେଣ୍ଢା ମୃତ୍ୟୁସଂଖ୍ୟା ୫୦ରେ ପହଞ୍ଚିଛି। ସୂଚନା ପାଇ ମଙ୍ଗଳବାର ବନ କର୍ମଚାରୀ ଘଟଣାସ୍ଥଳରେ ତଦନ୍ତ କରିଛନ୍ତି। କୌଣସି ଅଜଣା ବନ୍ୟପ୍ରାଣୀ ଆକ୍ରମଣରେ ଏଭଳି ଅଘଟଣ ଘଟିଥିବା ସାଧୁ ଏବଂ ଗ୍ରାମବାସୀ ସନ୍ଦେହ କରୁଥିବାବେଳେ ଅଞ୍ଚଳରେ ଭୟ ଆତଙ୍କର ବାତାବରଣ ଜାରି ରହିଛି। ଅନ୍ୟପଟେ ଅଜଣା ଜନ୍ତୁକୁ ଠାବ କରିବା ଲାଗି ସାଧୁଙ୍କ ଗୁହାଳ ସମେତ ୩ ସ୍ଥାନରେ ଟ୍ରାପ୍ କ୍ୟାମେରା ଲଗାଯାଇଛି। ବନ ବିଭାଗ ପକ୍ଷରୁ ପାଟ୍ରୋଲିଂ କଡ଼ାକଡ଼ି କରାଯାଇଥିବା ରେଞ୍ଜର ବିଭୁଦାନନ୍ଦ ମିଶ୍ର ସୂଚନା ଦେଇଛନ୍ତି।

## ୩୪ ପେଟି ଚୋରା ବିଦେଶୀ ମଦ ଜବତ, ୨ ଗିରଫ

**କାମାକ୍ଷାନଗର, ୧୮।୭(ସୁଧୀର ପରିଡ଼ା):** ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା କଙ୍ଗେଇଲୋ ଗ୍ରାମରୁ ମଙ୍ଗଳବାର ବିପୁଳ ପରିମାଣର ଚୋରା ବିଦେଶୀ ମଦ ଜବତ କରାଯାଇଛି। ଏହି ଘଟଣାରେ ବିକ୍ରମ ସାମଲ (୫୫) ଓ ପ୍ରିୟବ୍ରତ ଖୁଣ୍ଟିଆ (୩୦) ଗିରଫ ହୋଇଛନ୍ତି। ଗ୍ରାମରେ ଦୀର୍ଘଦିନ ଧରି ଚୋରା ବିଦେଶୀ ମଦ କାରବାର ଚାଲିଥିବା ଅଭିଯୋଗ ହୋଇ ଆସୁଥିଲା। ଏ ସମ୍ପର୍କରେ ବିଧିବଦ୍ଧ ଭାବେ ସୂଚନା ପାଇବା ପରେ କାମାକ୍ଷାନଗର ଏବଂ ଭୁବନ ଅବକାରୀ ବିଭାଗର ମିଳିତ ଟିମ୍ ଚଢ଼ାଉ କରିଥିଲା। ବିକ୍ରମଙ୍କ ଘରୁ ୩୨ ପେଟି ଏବଂ ପ୍ରିୟବ୍ରତଙ୍କ ଘରୁ ୨ ପେଟି ବିଅର ଜବତ କରାଯାଇଥିଲା। ଚଢ଼ାଉରେ କାମାକ୍ଷାନଗର ଅବକାରୀ ଅଧିକାରୀ ସଞ୍ଜୀବ କୁମାର ଶର୍ମା, ଭୁବନ ଅବକାରୀ ଅଧିକାରୀ ସୌନଭ ମିଶ୍ର, କାମାକ୍ଷାନଗର ପୋଲିସ ସାମିଲ ହୋଇଥିଲେ।

## ଅନ୍ତର୍ଜାତୀୟ ନ୍ୟାୟ ଦିବସ ପାଳିତ

**ଢେଙ୍କାନାଳ, ୧୮।୭(ରତନ ନାୟାର):** ଢେଙ୍କାନାଳ ଉଫୁନା ପକ୍ଷରୁ ସୋମବାର ଅନୁଷ୍ଠାନ କାର୍ଯ୍ୟାଳୟଠାରେ ଅନ୍ତର୍ଜାତୀୟ ନ୍ୟାୟ ଦିବସ ପାଳିତ ହୋଇଯାଇଛି। ଉଫୁନାର ରାଜ୍ୟ ଅଧ୍ୟକ୍ଷ ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ବିଚାରପତି ଭିକାରୀ ଚରଣ ରାଉତ ଯୋଗଦେଇ କହିଲେ, ଅନ୍ତର୍ଜାତୀୟସ୍ତରରେ ପୁଞ୍ଜିବାଦୀ ଏବଂ ସମାଜବାଦୀଙ୍କ ମଧ୍ୟରେ ନ୍ୟାୟ ପାଇଁ ଯୁଦ୍ଧ ଚାଲିଛି। ଫଳରେ ଅର୍ଥନୀତି ଦୋହଲି ଯାଇଛି। ଏହାକୁ ରୋକାଯିବା ଜରୁରୀ। କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ସରୋଜ ଶତପଥୀ, କବି ବାହାଦୁର ପାଟସାହାଣୀ, ରୁଦ୍ରପ୍ରକାଶ ଶରଣ, ଉପେନ୍ଦ୍ର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ଅଗ୍ନିବୀର ପାଇଁ ପଞ୍ଜୀକରଣ

**ଢେଙ୍କାନାଳ, ୧୮।୭(ରତନ ନାୟାର):** ଅଗ୍ନିବୀର ବାୟୁ ଯୋଜନାରେ ନିଯୁକ୍ତି ପାଇଁ ଅନ୍‌ଲାଇନରେ ନାମ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହେବାକୁ ଯାଉଛି। ଯୋଗ୍ୟ ଆଶାୟୀମାନେ ସାଧାରଣ ପ୍ରବେଶିକା ପରୀକ୍ଷାରେ ଭାଗ ନେବା ଲାଗି ୨୭ ଜୁଲାଇରୁ ୧୭ ଅଗଷ୍ଟ ମଧ୍ୟରେ https://agnipathvayucdac.inରେ ଆବେଦନ କରିପାରିବେ। ୧୩ ଅକ୍ଟୋବରରେ ରାଜ୍ୟର ବିଭିନ୍ନ କେନ୍ଦ୍ରରେ ପରୀକ୍ଷା ଆୟୋଜନ ହେବ। ଏଥିରେ କୌଣସି ସମସ୍ୟାର ସମ୍ମୁଖୀନ ହେଲେ ଟେଲିଫୋନ୍ ନମ୍ବର ୦୨୦-୨୫୫୦୩୧୦୫/୨୫୫୦୩୧୦୬ରେ ଯୋଗାଯୋଗ କରିବା ପାଇଁ ଢେଙ୍କାନାଳ ଜିଲା ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## କୂଅରୁ ମୃତଦେହ ଜବତ

**ଢେଙ୍କାନାଳ, ୧୮।୭(ରତନ ନାୟାର):** ଢେଙ୍କାନାଳ ଜିଲା ସଦର ଥାନା ଗୋବିନ୍ଦପୁର ଫାଣ୍ଡି ବୋରାପଦା ଅଞ୍ଚଳର ଏକ କୂଅରୁ ମଙ୍ଗଳବାର ସକାଳେ ଜଣେ ବ୍ୟକ୍ତିଙ୍କ ମୃତଦେହ ଜବତ କରାଯାଇଛି। ମୃତକ ହେଲେ ଅମର ଦେହୁରୀ (୫୩)। ଅମରଙ୍କ ମୃତଦେହ କୂଅରେ ଭାସୁଥିବା ସୂଚନା ପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ବାହାର କରିଥିଲେ। ଅମର ଅସାବଧାନତାରୁ କୂଅରେ ଖସିପଡ଼ିଥିବା ଅନୁମାନ କରାଯାଉଛି। ତେବେ ଏହା ଏକ ଆକସ୍ମିକ ଦୁର୍ଘଟଣା କି ନୁହେଁ, ତାହା ଅସ୍ପଷ୍ଟ ରହିଛି। ପୋଲିସ ଘଟଣାର ତନାଘନା ଆରମ୍ଭ କରିଛି।

# ସ୍ୱାବଲମ୍ବୀ ହେବାକୁ ସଂକଳ୍ପ

- ଭାଗ୍ୟ ବଦଳାଇଦେଲା ଛତୁ ଚାଷ
- ଦୂରହେଉଛି ଦାଦନ ଦୁଃଖ
- ରୋଜଗାରକ୍ଷମ ହେଉଛନ୍ତି ଯୁବପିଢ଼ି



ପେଟ ଚାଖଣ୍ଡକ ପାଇଁ ବାହାର ରାଜ୍ୟକୁ ଖଟିବାକୁ ଯାଉଥିଲେ। କେତେବେଳେ ସହିବାକୁ ପଡୁଥିଲା ଠିକାଦାରଙ୍କ ନିର୍ଯାତନା ତ ଆଉ କେବେ ଅସୁରକ୍ଷିତ ପରିବେଶ କରିଦେଉଥିଲା ରୋଗଣା। ହେଲେ ଏବେ ଦୂର ହୋଇଛି ଦାଦନ ଦୁଃଖ। ସ୍ୱାବଲମ୍ବୀ ହେବାକୁ ସଂକଳ୍ପ ନେଇଛନ୍ତି ଢେଙ୍କାନାଳ ଜିଲାର ଶିଳ୍ପଶୂନ୍ୟ କାମାକ୍ଷାନଗର ଉପଖଣ୍ଡର ଶତାଧିକ ଯୁବତୀଯୁବକ। ପାଳ ଛତୁଚାଷ ମାଧ୍ୟମରେ ସେମାନେ ନିଜର ଭାଗ୍ୟ ବଦଳାଇବାକୁ ଚେଷ୍ଟା କରୁଥିବାବେଳେ ଅଞ୍ଚଳରୁ ଛୁଟୁଥିବା ଦାଦନ ଶ୍ରମିକଙ୍କ ସୁଅ ପୂର୍ବାପେକ୍ଷା ଯଥେଷ୍ଟ କମିଛି।

**କାମାକ୍ଷାନଗର, ୧୮।୭(ସୁଧୀର ପରିଡ଼ା)**

ଛତୁଚାଷର ହବ୍ ପାଲଟିଛି ଢେଙ୍କାନାଳ ଜିଲାର କାମାକ୍ଷାନଗର ଉପଖଣ୍ଡ। ଅଞ୍ଚଳର ଅନୁକୂଳ ଜଳବାୟୁ ଛତୁ ଚାଷ ପାଇଁ ଉପଯୋଗୀ ସାବ୍ୟସ୍ତ ହୋଇଥିବାବେଳେ ବର୍ଷସାରା ଏହାର ଚାହିଦା ରହୁଛି। ତେଣୁ ଯୁବପିଢ଼ି ଏବେ ଏହି ଚାଷ କରିବାକୁ ବିଶେଷ ଭାବେ ଆଗ୍ରହୀ ହେଉଛନ୍ତି। ଫଳରେ କାମାକ୍ଷାନଗର ଅଞ୍ଚଳର ଚାହିଦା ମେଣ୍ଟାଇବା ପରେ ଏବେ ଏଠାରୁ ଜିଲା ବାହାରକୁ ରପ୍ତାନି ହେଉଛି କୁଇଣ୍ଟାଲ କୁଇଣ୍ଟାଲ ଛତୁ। ଅଞ୍ଚଳର ବହୁ ଶିକ୍ଷିତ, ଅର୍ଦ୍ଧଶିକ୍ଷିତ ଯୁବପିଢ଼ି ଏହାକୁ ବୃତ୍ତିଭାବେ ଗ୍ରହଣ କରି ଲକ୍ଷାଧିକ ଟଙ୍କା ରୋଜଗାର କରୁଥିବାବେଳେ ଏହାଦ୍ୱାରା ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ ସୃଷ୍ଟି ହେଉଛି ବ୍ୟାପକ ନିଯୁକ୍ତି ସୁଯୋଗ।

କାମାକ୍ଷାନଗର ଉପଖଣ୍ଡ ପରଜଙ୍ଗ ବ୍ଲକର ପଥରଖମ୍ଭ, ଜୟପୁରାକାଟେଣି, ମୁକ୍ତାପଶି, ବଡ଼ଝରା, ଶୁଣ୍ଡିକାଟେଣି, କାମାକ୍ଷାନଗର ବ୍ଲକର ଚୁଳିଆ, ବାଉଁଶପାଳ, ସମାଟାଙ୍ଗି, ବିଜାସାହି, ଆଲୁଅଝରଣ ଅଞ୍ଚଳରେ ବ୍ୟାପକ ପରିମାଣର ପାଳ ଛତୁ ଚାଷ ହେଉଛି। ଜଙ୍ଗଲିଆ ଥଣ୍ଡା ପରିବେଶରେ ଉତ୍ପାଦନ ଆଶାତୀତ ହେଉଛି। ଅଞ୍ଚଳରୁ ଦୈନିକ ପ୍ରାୟ ୧୦୦ କୁଇଣ୍ଟାଲ ଛତୁ ବାହାରୁଥିବାବେଳେ ବ୍ୟବସାୟୀଙ୍କ ଜରିଆରେ ଚାଷୀମାନେ କେନ୍ଦୁଝର, ଯାଜପୁର, ଅନୁଗୋଳ, ସମ୍ବଲପୁର ଜିଲାକୁ ରପ୍ତାନି କରୁଛନ୍ତି। ଛତୁ ଉତ୍ପାଦନ ପାଇଁ ପ୍ରସ୍ତୁତ ବେଡ୍ ପିଛା ୮୦ରୁ ୯୦ଟଙ୍କା ଖର୍ଚ୍ଚ ହେଉଥିବାବେଳେ ଏଥିରୁ ୧ରୁ ଦେଢ଼ କେଜି ଯାଏ ଛତୁ ବାହାରିଥାଏ। ଚାଷୀମାନେ ବ୍ୟବସାୟୀଙ୍କୁ କେଜି ପିଛା ୧୫୦ରୁ ୧୭୦ ଟଙ୍କାରେ ବିକୁଥିବାବେଳେ ଖୋଲା ବଜାରରେ ଏହା ୨୦୦ରୁ ୨୨୦ ଟଙ୍କାରେ ମିଳୁଛି। ଅକ୍ଟୋବରରୁ ଜୁଲାଇ ମଧ୍ୟରେ ସାଧାରଣତଃ ଛତୁ ଚାଷ ପାଇଁ ଜଳବାୟୁ ଅନୁକୂଳ ଥାଏ। ୧ ଲକ୍ଷ ଟଙ୍କା ବିନିଯୋଗ କଲେ ଏବଂ ପାଗ ଭଲ ରହିଲେ ହାରାହାରି ୨ରୁ ଅଢ଼େଇ ଲକ୍ଷ ଟଙ୍କା ଲାଭ ହୋଇଥାଏ ବୋଲି ଚାଷୀମାନେ କହିଛନ୍ତି।

ଛତୁ ଚାଷ ଏକ ଲାଭଜନକ ବ୍ୟବସାୟ ହୋଇଥିବାରୁ ରାଜ୍ୟ ବାହାରକୁ କାମ କରିବାକୁ ଚାଲିଯାଉଥିବା ଯୁବକମାନେ ଏବେ ଏଥିରେ ମନୋନିବେଶ କରିବାକୁ ଆଗଭର ହେଉଛନ୍ତି। ଏହାଦ୍ୱାରା ଉପଖଣ୍ଡର ଶତାଧିକ ପରିବାରର ଆର୍ଥିକସ୍ଥିତି ମଜଭୁତ୍ ହୋଇପାରିଛି। ସରକାରୀସ୍ତରରେ ଉନ୍ନତ ଜ୍ଞାନକୌଶଳ, ପ୍ରୋତ୍ସାହନ ସାଙ୍ଗକୁ ବଜାର ସୁବିଧା ଯୋଗାଇ ଦିଆଗଲେ କାମାକ୍ଷାନଗର ଉପଖଣ୍ଡ ଛତୁ ଚାଷରେ ଆହୁରି ଆଗକୁ ଯିବ ବୋଲି ବୁଦ୍ଧିଜୀବୀମାନେ ମତବ୍ୟକ୍ତ କରିଛନ୍ତି।

### ମହିଳା ଗୋଷ୍ଠୀକୁ ପ୍ରୋତ୍ସାହନ, ଯୁବଚାଷୀଙ୍କୁ ତାଲିମ

“ ଛତୁଚାଷ ପାଇଁ ମହିଳା ଗୋଷ୍ଠୀକୁ ସ୍ୱତନ୍ତ୍ର ପ୍ରୋତ୍ସାହନ ଦିଆଯାଉଛି। ଉଦ୍ୟାନ ବିଭାଗ ପକ୍ଷରୁ ଯୁବଚାଷୀଙ୍କୁ ବିଭିନ୍ନ ସମୟରେ ତାଲିମ ପ୍ରଦାନ କରାଯାଉଛି। ଫଳରେ ଯୁବପିଢ଼ି ଏଥିପ୍ରତି ଆଗ୍ରହୀ ହେଉଛନ୍ତି।

-ଚିତ୍ତରଞ୍ଜନ ମଲ୍ଲିକ, ଅତିରିକ୍ତ ଉଦ୍ୟାନ କୃଷି ନିର୍ଦ୍ଦେଶକ, କାମାକ୍ଷାନଗର

### ୯ ମାସରେ ୩ ଲକ୍ଷ ଲାଭ



“ ପ୍ରାୟ ୫ ବର୍ଷ ହେଲା ଛତୁ ଚାଷ କରୁଛି। ୩ଜଣ ଶ୍ରମିକ ଏଥିରେ ନିୟୋଜିତ ଅଛନ୍ତି। ୮-୯ ମାସରେ ହାରାହାରି ୩ ଲକ୍ଷ ଟଙ୍କା ଲାଭ ମିଳୁଛି।

-ପ୍ରଶାନ୍ତ ନାଇକ, ସିଆରିମାଳିଆ

### କାମର ଅଭାବ ନାହିଁ



“ ପାଖାପାଖି ୬ରୁ ୭ ବର୍ଷ ହେଲା ଛତୁ ଫାର୍ମରେ କାମ କରୁଛି। ବର୍ଷ ସାରା କାମର ଅଭାବ ରହୁନାହିଁ। ଭଲ ରୋଜଗାର ମଧ ହେଉଛି।

-ରଘୁନାଥ ପିଙ୍ଗୁଆ, ଚୁଳିଆ ଟାସିରି

### ଦୈନିକ ୫ ହଜାର ଟଙ୍କା ରୋଜଗାର



“ ୪-୫ଟି ଫାର୍ମରୁ ଛତୁ ସଂଗ୍ରହ କରି ବାହାରକୁ ପଠାଇଦେଲେ ଦୈନିକ ୪ରୁ ୫ହଜାର ଲାଭ ମିଳିଥାଏ। ଏହା ଯୁବଗୋଷ୍ଠୀକୁ ରୋଜଗାରକ୍ଷମ କରାଇଛି।

-ଦେବେନ୍ଦ୍ର ପ୍ରଧାନ, ବ୍ୟବସାୟୀ

### ବର୍ଷସାରା ଉତ୍ପାଦନ କରିହେବ



“ ଗୋଟିଏ ଫାର୍ମ ମାଧ୍ୟମରେ ୫ରୁ ଅଧିକ ଲୋକଙ୍କୁ କାମ କରିବାର ସୁଯୋଗ ମିଳିପାରୁଛି। ବର୍ଷ ଆରମ୍ଭରୁ ନଡ଼ା ଯୋଗାଡ କରିଦେଲେ ବର୍ଷସାରା ଛତୁ ଉତ୍ପାଦନ କରାଯାଇପାରିବ।

-ତ୍ରିଲୋଚନ ସାହୁ, ଶୁଣ୍ଡିକାଟେଣୀ

### ଦିନରାତି ବାନ୍ଧିହେବା ଲୋଡ଼ାନାହିଁ



“ ଛତୁ ଚାଷରେ ଦିନରାତି ବାନ୍ଧି ହେବା ଲୋଡ଼ା ନାହିଁ। ଶ୍ରମିକଙ୍କ ଦ୍ୱାରା ଏହା କରାଯାଏ। ତେଣୁ ଜଣେ ଚାହିଁଲେ ଛତୁ ଚାଷ ସହ ଅନ୍ୟ କାମ ବି କରିପାରିବେ।

-ବିଷ୍ଣୁସେନ ବେହେରା, ଶୁଣ୍ଡିକାଟେଣୀ

# ବକେୟା ପ୍ରାପ୍ୟ ଦାବିରେ ଶ୍ରମିକ ସଂଘର ଧାରଣା




ବକେୟା ପ୍ରାପ୍ୟ ଦାବିରେ ଶ୍ରମିକଙ୍କ ଧାରଣା।

**ଢେଙ୍କାନାଳ,୧୮।୭(ରତନ ନାୟାର)**

ବକେୟା ପ୍ରାପ୍ୟ ପ୍ରଦାନ ଦାବିରେ ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ନରେନ୍ଦ୍ରପୁରସ୍ଥିତ ଟାଟା ଷ୍ଟିଲ୍ କମ୍ପାନୀ ଫାଟକ ସମ୍ମୁଖରେ ଟାଟା ବିଏସ୍ଏଲ୍ କଣ୍ଟ୍ରାକ୍ଟ ୱାର୍କର୍ସ ୟୁନିୟନ ପକ୍ଷରୁ ମଙ୍ଗଳବାର ଧାରଣା ଦିଆଯାଇଛି। ବିନା ନୋଟିସ୍‌ରେ ୭ବର୍ଷ ତଳେ ଛଟେଇ ହୋଇଥିବା ଟିଏସ୍‌ପିଏଲ୍‌ର ୭୦୦ ଶ୍ରମିକଙ୍କୁ ରିଟ୍ରେଞ୍ଚମେଣ୍ଟ କମ୍ପେନସେଶନ ମିଳିନାହିଁ। ଏହାର ପ୍ରତିବାଦରେ ଶ୍ରମିକ ନେତା ଦେବାଶିଷ ହୋତାଙ୍କ ନେତୃତ୍ୱରେ ଧାରଣା ଦିଆଯାଇଥିଲା। ବକେୟା ପ୍ରାପ୍ୟ ନ ମିଳିବା ଯାଏ ଆନ୍ଦୋଳନ ହଟିବ ନାହିଁ ବୋଲି ଶ୍ରମିକମାନେ ଚେତାବନୀ ଦେଇଥିଲେ। ଅନ୍ୟପଟେ ଧାରଣାରତ ଶ୍ରମିକଙ୍କୁ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ଆକ୍ରମଣକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଅଗଷ୍ଟ ୫ରୁ ଜିଲା କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ଦେବାଶିଷ ଚେତାବନୀ ଦେଇଛନ୍ତି। ଆଇନଶୃଙ୍ଖଳା ରକ୍ଷା ପାଇଁ ମୋଟଙ୍ଗା ଥାନା ପକ୍ଷରୁ ପୋଲିସ ମୁତୟନ କରାଯାଇଥିଲା। ବକେୟା ପ୍ରାପ୍ୟ ପ୍ରଦାନ ନିମନ୍ତେ ଇଣ୍ଡଷ୍ଟ୍ରିଆଲ ଟ୍ରିବୁନାଲ୍ ୨୦୧୯ରେ ଟିଏସ୍‌ପିଏଲ୍‌କୁ ନୋଟିସ ପଠାଇଥିଲେ। କିନ୍ତୁ ଉକ୍ତ ନୋଟିସ ଭୁଲ ଠିକଣା ପାଇଁ ଫେରି ଆସିବା ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି ବୋଲି ୟୁନିୟନ ନେତୃବୃନ୍ଦ କହିଛନ୍ତି।

### ଲୁଟ୍ ମାମଲା
## ଅଭିଯୁକ୍ତଙ୍କୁ ୩ ବର୍ଷ ଜେଲ

**ଢେଙ୍କାନାଳ, ୧୮।୭(ରତନ ନାୟାର)**

ଢେଙ୍କାନାଳ ଜିଲା ମୋଟଙ୍ଗା ଥାନା ମେରାମଣ୍ଡଳୀସ୍ଥିତ ଗାୟତ୍ରୀ ଆଶ୍ରମରୁ ହୋଇଥିବା ଏକ ଲୁଟ୍ ମାମଲାର ରାୟ ମଙ୍ଗଳବାର ଜେଏମ୍ଏଫ୍‌ସି (ସି) ଅଦାଲତରେ ପ୍ରକାଶ ପାଇଛି। ବିଚାରପତି ସୁଧାଶ୍ରୀ ସୁରଝଳିଆ ମାମଲାର ବିଚାର କରି ଅଭିଯୁକ୍ତ ଟଙ୍କ ନାୟକଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୩ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦୦୦ ଟଙ୍କା ଜରିମାନା ଏବଂ ଅନାଦାୟ ଅଧିକ ମାସେ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ୨୦୧୮ ସେପ୍ଟେମ୍ବର ୧୮ରେ ଗାୟତ୍ରୀ ଆଶ୍ରମରୁ ବୈଦ୍ୟୁତିକ ସାମଗ୍ରୀ ସହ ଅନ୍ୟାନ୍ୟ ଜିନିଷପତ୍ର ଚୋରି ହୋଇଥିଲା। ଟଙ୍କ ଚୋରି କରୁଥିବା ବେଳେ ଆଶ୍ରମର ସାଧୁ ପଣ୍ଡିତ ଭାସ୍କର ଜୀଙ୍କ ହାବୁଡ଼ରେ ପଡ଼ିଯାଇଥିଲେ। ଭାସ୍କର ଏହାର ପ୍ରତିବାଦ କରିବାରୁ ଅଭିଯୁକ୍ତ ଟଙ୍କ ତାଙ୍କୁ ଛୁରିରେ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଏ ସଂକ୍ରାନ୍ତରେ ମୋଟଙ୍ଗା ଥାନାରେ ନଂ. ୧୬୯/୧୮, ଦଫା ୩୯୨ରେ ମାମଲା ରୁଜୁ ହୋଇଥିଲା। ପୋଲିସ ଟଙ୍କଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ମାମଲାର ଜିଆର କେସ୍ ନଂ. ୧୦୮୫/୧୮ ଅନୁଯାୟୀ ୬ ଜଣଙ୍କ ସାକ୍ଷ୍ୟପ୍ରମାଣ, ୬ଟି ଦସ୍ତାବିଜ୍‌କୁ ଭିତ୍ତିକରି କୋର୍ଟ ଏହି ରାୟ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ଏହି ମାମଲାକୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ଲକ୍ଷ୍ମୀଧର ପଣ୍ଡା ପରିଚାଳନା କରିଥିଲେ। ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର (ସି) ଅନୁଜ୍ଞା ମହାନ୍ତି, ସନ୍ଧ୍ୟା ପଣ୍ଡା ଏଥିରେ ସହାୟତା କରିଥିଲେ।



ଭୂ-ସଂସ୍କାର କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ଲାଗି ଢେଙ୍କାନାଳ ଜିଲାକୁ ମିଳିଛି 'ଭୂମି ସମ୍ମାନ'। ନୂଆଦିଲ୍ଲୀସ୍ଥିତ ବିଜ୍ଞାନ ଭବନ ପରିସରରେ ଭାରତ ସରକାରଙ୍କ ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ତରଫରୁ ମଙ୍ଗଳବାର ଆୟୋଜିତ ଏକ ବର୍ଣ୍ଣାଢ୍ୟ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ଜିଲାପାଳଙ୍କ ପକ୍ଷରୁ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଉଦୟ କୁମାର ମହାପାତ୍ର ଏ ସମ୍ପର୍କିତ ମାନପତ୍ର ଗ୍ରହଣ କରିଥିଲେ। ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳ ଉପସ୍ଥିତ ଥିଲେ।

# ଅବସରକାଳୀନ ସମ୍ବର୍ଦ୍ଧନା ସଭା

**ବଇଣ୍ଡା,୧୮।୭(ପରିକ୍ଷିତ ସାହୁ)**



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ଆଠମଲ୍ଲିକ ବ୍ଲକ ସାନହୁଲା ସର୍କଲର ଅବସରଗ୍ରହଣ କରିଥିବା ଶିକ୍ଷକ ପ୍ରଫୁଲ୍ଲ ମହାପାତ୍ର, ଅଜୟ ପ୍ରଧାନ, ପ୍ରତିମା ମହାପାତ୍ର, ପ୍ରଦୀପ ସାହୁଙ୍କୁ ରବିବାର ସମ୍ବର୍ଦ୍ଧନା ଦିଆଯାଇଛି। ଏ ନେଇ ସର୍କଲ ଶିକ୍ଷକ ସଂଘ ପକ୍ଷରୁ ପାଇକସାହି ରାଧାମାଧବ ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ସଂଘ ସଭାପତି ନୃସିଂହ ଚରଣ ନାୟକ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ବିଇଓ ଦାଶରଥି ଶୁଣ୍ଡି ଯୋଗଦେଇ ମାନପତ୍ର ପ୍ରଦାନ କରି ସମସ୍ତଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟତମ ଅତିଥି ଭାବେ ଏବିଇଓ କୈବଲ୍ୟ କଅଁର, ପ୍ରଧାନ ଶିକ୍ଷକ ଶୁକଦେବ ସାହୁ, ବିଆର୍‌ସିସି ଛବିନାରାୟଣ ସିଠ ଯୋଗ ଦେଇଥିଲେ। ବିଜୟ ପ୍ରଧାନ ପରିଚାଳନାରେ ସହଯୋଗ କରିଥିଲେ।

# ଅଗ୍ନିକାଣ୍ଡରେ ୩ ପରିବାର ସର୍ବସ୍ୱାନ୍ତ

**ପରଜଙ୍ଗ, ୧୮।୭ (ନିଗମାନନ୍ଦ ଦଳବେହେରା)**

ପରଜଙ୍ଗ ବ୍ଲକ ପାଟରପଦା ପଞ୍ଚାୟତ କଟାବାହାଳ ଗ୍ରାମରେ ମଙ୍ଗଳବାର ପୂର୍ବାହ୍ନରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ୩ ପରିବାର ସର୍ବସ୍ୱ ହରାଇଛନ୍ତି। ନିଆଁ ଲାଗିବାର କାରଣ ଜଣାପଡ଼ିନାହିଁ। ସୂଚନା ପାଇ ପରଜଙ୍ଗ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ ସେତେବେଳକୁ ସବୁକିଛି ଛାରଖାର ହୋଇସାରିଥିଲା। ଏଥିରେ ମନୋଜ ସାହୁ, ରବିନାରାୟଣ ସାହୁ, ପତିନି ସାହୁଙ୍କ ଘରେ ମହଜୁଦ୍ ଖାଦ୍ୟଶସ୍ୟ, ଆସବାବପତ୍ର ନଷ୍ଟ ହୋଇଯାଇଛି। କନ୍ଦରସିଂହା ରାଜସ୍ୱ ନିରୀକ୍ଷକ କ୍ଷୟକ୍ଷତି ଆକଳନ କରିବା ସହ ବିପନ୍ନ ପରିବାରକୁ ପଲିଥିନ ଯୋଗାଇ ଦେଇଛନ୍ତି।



ଜଳିଯାଇଥିବା ଘର।

# କର୍ମକର୍ତ୍ତାଙ୍କୁ ଦେଲେ ଗୁରୁମନ୍ତ୍ର

### ହିନ୍ଦୋଳରେ କେନ୍ଦ୍ରମନ୍ତ୍ରୀ ନିତ୍ୟାନନ୍ଦ ରାଏ

**ରାସୋଳ, ୧୮।୭(ସରୋଜ ମିଶ୍ର)**

ତୃଣମୂଳସ୍ତରରେ ଲୋକଙ୍କ ସହ ମିଶ। କେନ୍ଦ୍ରୀୟ ଯୋଜନା ବିଷୟରେ ସେମାନଙ୍କୁ ସଚେତନ କରାଅ। ଆଗାମୀ ସାଧାରଣ ନିର୍ବାଚନ ଲାଗି ପ୍ରସ୍ତୁତ ହୁଅ ବୋଲି ଦଳୀୟ କର୍ମୀଙ୍କୁ ଗୁରୁମନ୍ତ୍ର ଦେଇଛନ୍ତି କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାଏ। ଢେଙ୍କାନାଳ ଜିଲା ରାସୋଳସ୍ଥିତ ଏକ ହୋଟେଲରେ ହିନ୍ଦୋଳ ନିର୍ବାଚନମଣ୍ଡଳୀସ୍ତରୀୟ ପ୍ରବାସ ଯୋଜନାରେ ମଙ୍ଗଳବାର ଅନୁଷ୍ଠିତ ସାଙ୍ଗଠନିକ ବୈଠକରେ ଯୋଗଦେଇ ସେ ଏଭଳି ଆହ୍ୱାନ ଦେଇଛନ୍ତି।

ମଣ୍ଡଳ ସଭାପତି ମନୋରଞ୍ଜନ ନାଥଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀ ରାଏ, ସମ୍ମାନିତ ଅତିଥି ବରିଷ୍ଠ ନେତା ରୁଦ୍ରନାରାୟଣ ପାଣି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ତଥା ପୂର୍ବତନ ମନ୍ତ୍ରୀ ଅଞ୍ଜଳି ବେହେରା, ଲୋକ ସଭା ପ୍ରଭାରୀ ସୀମାଞ୍ଚଳ ଖଟେଇ, ସଂଯୋଜକ ପ୍ରେମାନନ୍ଦ ଜେନା, ବିସ୍ତାରକ ଅମୃତ ସ୍ୱାଇଁ, ବିଧାନସଭା ପ୍ରଭାରୀ ସୁନୀଲ ଶର୍ମା, ବିଧାନସଭା ସଂଯୋଜକ ପ୍ରଶାନ୍ତ ପ୍ରଧାନ, ଜିଲା ଉପସଭାନେତ୍ରୀ ଇତିଶ୍ରୀ ସାହୁ, ସହସଂଯୋଜକ ସହଦେବ ପୃଷ୍ଟି, ସମ୍ପାଦିକା ସରିତା ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟ ଅତିଥି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ପ୍ରବାସ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲା ସମ୍ପାଦକ ସୁଶାନ୍ତ ପତି ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସମସ୍ତ ମଣ୍ଡଳ ସଭାପତି, ପ୍ରଭାରୀ, ସାଧାରଣ ସମ୍ପାଦକଙ୍କ ସମେତ ଆଗଧାଡ଼ିର ନେତୃବୃନ୍ଦ ଉପସ୍ଥିତ ଥିଲେ। ପ୍ରାରମ୍ଭରେ କୁନୁଆସ୍ଥିତ ମା' ସୁକିଆ ବାଉତିଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା।




କାର୍ଯ୍ୟକ୍ରମରେ ଅତିଥିବୃନ୍ଦ।

## ‘ଡେଙ୍ଗୁ ରୋକିବାକୁ ପଦକ୍ଷେପ ନିଆଯାଉ’

ତାଳଚେର,୧୮।୭(ମନୋଜ ନନ୍ଦ)

ରାଜ୍ୟରେ ଏବେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ଦ୍ରୁତ ଗତିରେ ବଢ଼ିବାରେ ଲାଗିଛି। ଅତୀତରେ ତାଳଚେରରେ ଡେଙ୍ଗୁ କାୟା ବିସ୍ତାର କରିଥିଲା। ବହୁ ବ୍ୟକ୍ତିଙ୍କ ଜୀବନ ଯାଇଥିଲା। ତାହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ତାଳଚେରରେ ଡେଙ୍ଗୁ ରୋକିବା ଦିଗରେ ଆଗୁଆ ପଦକ୍ଷେପ ନେବା କଥା। କାରଣ ଏଠାକାର କୋଇଲା ଖଣି ଅଞ୍ଚଳରେ ଅବ୍ୟବହୃତ ଟାୟାର, ପାଣି ଜମି ରହୁଥିବା ଗାତ, ଜଳ ନିଷ୍କାସନ ହୋଇ ପାରୁ ନ ଥିବା ଡ୍ରେନ ଯୋଗୁ ଏଡିସ ମଶା ବଂଶବିସ୍ତାର କରିବାର ବହୁ ସମ୍ଭାବନା ରହିଛି। କିନ୍ତୁ ଏଠାରେ ଡେଙ୍ଗୁ ରୋକିବା ଦିଗରେ ପ୍ରଶାସନ ଓ ରାଜ୍ୟ ସରକାର ସମ୍ପୂର୍ଣ ଭାବେ ଉଦାସୀନ ବୋଲି ଭାଜପା ରାଜ୍ୟ ସମ୍ପାଦକ କାଳନ୍ଦୀ ସାମଲ ଅଭିଯୋଗ କରିଛନ୍ତି। ତୁରନ୍ତ ଡେଙ୍ଗୁ ରୋକିବାକୁ ଆଗୁଆ ପଦକ୍ଷେପ ନିଆଯିବା ସହିତ ଜନସାଧାରଣଙ୍କୁ ସଚେତନ କରିବା ଦିଗରେ ଧ୍ୟାନ ଦେବାକୁ ସାମଲ ଜିଲା ପ୍ରଶାସନ ନିକଟରେ ଦାବି କରିଛନ୍ତି।

# ଅନୁଗୋଳ ଜିଲାକୁ ଭୂମି ସମ୍ମାନ



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି ଅତିରିକ୍ତ ଜିଲାପାଳ(ରାଜସ୍ୱ) ରଜନୀକାନ୍ତ ସ୍ୱାଇଁ, କିଶୋରନଗର ତହସିଲଦାର ଶାନ୍ତି ସ୍ୱରୂପ ମିଶ୍ର ଓ ଆସିଷ୍ଟାଣ୍ଟ କଲେକ୍ଟର ଅଜୟ କୁମାର ଗଡ଼ନାୟକ।

### ଡିଜିଟାଇଜେଶନ୍‌ରେ ଉତ୍ତମ କାର୍ଯ୍ୟ ପାଇଁ ପ୍ଲାଟିନମ୍ ପୁରସ୍କାର

ଅନୁଗୋଳ,(ଅମିତ କୁମାର ସାମଲ)/ ବଇଣ୍ଡା,୧୮।୭ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ପ୍ରଶାସନର ରାଜସ୍ୱ ବିଭାଗକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଭୂମି ସମ୍ମାନ ପ୍ରଦାନ କରାଯାଇଛି। ମଙ୍ଗଳବାର ନୂଆଦିଲ୍ଲୀର ବିଜ୍ଞାନ ଭବନ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଅନୁଗୋଳ ଅତିରିକ୍ତ ଜିଲାପାଳ(ରାଜସ୍ୱ) ରଜନୀକାନ୍ତ ସ୍ୱାଇଁ, କିଶୋରନଗର ତହସିଲଦାର ଶାନ୍ତି ସ୍ୱରୂପ ମିଶ୍ର ଓ ଜିଲା କାର୍ଯ୍ୟାଳୟ ରାଜସ୍ୱ ବିଭାଗ ଆସିଷ୍ଟାଣ୍ଟ କଲେକ୍ଟର ଅଜୟ କୁମାର ଗଡ଼ନାୟକଙ୍କୁ ଏହି ପୁରସ୍କାର ପ୍ରଦାନ କରିଥିଲେ।

ପ୍ରକାଶ ଯେ, ଅନୁଗୋଳ ଜିଲାର ସମସ୍ତ ଜମି ପଟ୍ଟା କମ୍ପ୍ୟୁଟରୀକରଣ (ଆର୍‌ଓଆର୍) ହେବା ସହ ଜିଲାର ନକ୍ସାକୁ ମଧ୍ୟ ଡିଜିଟାଲ କରାଯାଇଛି। ଏଥିସହ ଅନ୍‌ଲାଇନ୍‌ରେ ଜମି ରେଜିଷ୍ଟ୍ରେଶନ୍ କାର୍ଯ୍ୟ ସହ ଜମିଜମା ରେକର୍ଡ ରଖିବାକୁ ଅତ୍ୟାଧୁନିକ ଗୃହ ବ୍ୟବସ୍ଥା ହୋଇଛି। ତେଣୁ ଏହି ଉଲ୍ଲେଖନୀୟ କାର୍ଯ୍ୟ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଅନୁଗୋଳ ଜିଲାକୁ ଭୂମି ପୁରସ୍କାର ପ୍ରଦାନ କରାଯାଇଥିବା ଅତିରିକ୍ତ ଜିଲାପାଳ(ରାଜସ୍ୱ) ରଜନୀକାନ୍ତ ସ୍ୱାଇଁ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଦେଶର ୯ଟି ରାଜ୍ୟର ୬୮ ଜିଲା ଏହି ପୁରସ୍କାର ପାଇଁ ମନୋନୀତ ହୋଇଥିଲେ। ସେଥିମଧ୍ୟରୁ ଓଡ଼ିଶାର ୧୯ଟି ଜିଲାକୁ ଏହି ପୁରସ୍କାର ପ୍ରଦାନ କରାଯାଇଛି।

## ସ୍ୱାସ୍ଥ୍ୟ ଉପକେନ୍ଦ୍ର ନିର୍ମାଣର ଭୂମିପୂଜା



ଭୂମିପୂଜା କାର୍ଯ୍ୟକ୍ରମରେ ଉପସ୍ଥିତ ବିଧାୟକଙ୍କ ସହ ଅନ୍ୟମାନେ।

କଣିହାଁ, ୧୮।୭(ସଚ୍ଚିଦାନନ୍ଦ ପ୍ରଧାନ)

କଣିହାଁ ବ୍ଲକ କମରେଇ ପଞ୍ଚାୟତ ଅଞ୍ଚଳକୁ ମଙ୍ଗଳବାର ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ଗସ୍ତ କରିଥିଲେ। ଜନସାଧାରଣଙ୍କ ସମସ୍ୟା ବୁଝିବା ସହିତ ପଞ୍ଚାୟତ କାର୍ଯ୍ୟାଳୟଠାରେ ଉପସ୍ଥିତ ରହି ବିଭିନ୍ନ ୱାର୍ଡରେ ଅଭିଯୋଗ ଶୁଣି କିପରି ସମାଧାନ ହେବ ତାହା ଉପରେ ଆଲୋଚନା କରିଥିଲେ। ପରେ ପଞ୍ଚାୟତର ଜୁଲିବନ୍ଧଠାରେ ୪୬ ଲକ୍ଷ ଟଙ୍କା ବିନିଯୋଗରେ ସ୍ୱାସ୍ଥ୍ୟ ଉପକେନ୍ଦ୍ର ନିର୍ମାଣ ପାଇଁ ଭୂମିପୂଜନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏମ୍‌ପିଙ୍କ ପ୍ରତିନିଧି ନିର୍ମଳ ସାହୁ, ଜିଲାପରିଷଦ ସଦସ୍ୟ ରଞ୍ଜନ ସାହୁ, କମରେଇ ସରପଞ୍ଚ ଶୁବାସିନୀ ବେହେରା, ସମିତି ସଭ୍ୟା କବିତା ଦେହୁରୀ, ନାଏବ ସରପଞ୍ଚ ଆରତି ପରିଡା, ୯ନଂ ଜୋନ ବିଜେଡି କାର୍ଯ୍ୟକାରୀ ସଭାପତି ସୁନୀଲ ପ୍ରଧାନ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଏହି ଉପ ସ୍ୱାସ୍ଥ୍ୟକେନ୍ଦ୍ର ଦ୍ୱାରା ପଞ୍ଚାୟତବାସୀଙ୍କ ସହିତ ପଡୋଶୀ ପଞ୍ଚାୟତର ଜନସାଧାରଣ ଉପକୃତ ହେବେ ବୋଲି ବିଧାୟକ ମତବ୍ୟକ୍ତ କରିଥିଲେ।

## ମିଶନ ଶକ୍ତି କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ



ପ୍ରତିବାଦରେ ସାମିଲ ହୋଇଥିବା ମହିଳାମାନେ।

କଣିହାଁ,୧୮।୭(ସଚ୍ଚିଦାନନ୍ଦ ପ୍ରଧାନ)

କଣିହାଁ ବ୍ଲକ ମିଶନ ଶକ୍ତି ବିଭାଗରେ ନିଯୁକ୍ତିରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ମଙ୍ଗଳବାର ଅନେକ ଆଶାୟୀ ମିଶନ ଶକ୍ତି କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ କରିଥିଲେ।

ସୂଚନାରୁ ଜଣାଯାଏ, ବିଭିନ୍ନ ପଞ୍ଚାୟତରେ ଖାଲିଥିବା ଏମ୍‌ବିକେ, ସିଆର୍‌ପି ଓ ବ୍ୟାଙ୍କ ମିତ୍ର ପଦବୀରେ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ବ୍ଲକରୁ ୭ଶହରୁ ଅଧିକ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା ଏଥିପାଇଁ ଆବେଦନ କରିଥିଲେ। ସେମାନଙ୍କ ମଧ୍ୟରୁ ୧୦୦ରୁ ଊର୍ଦ୍ଧ୍ୱଙ୍କୁ ଚୟନ କରାଯାଇଥିବା ଆନ୍ଦୋଳନକାରୀ ପ୍ରକାଶ କରିଛନ୍ତି। କିନ୍ତୁ ନିଯୁକ୍ତି ପତ୍ର ମିଳୁ ନ ଥିବାରୁ ସେମାନେ ପ୍ରତିବାଦ କରିଥିଲେ। ବ୍ଲକ କର୍ତ୍ତୃପକ୍ଷ ଓ ମିଶନ ବିଭାଗ ପ୍ରତିଶ୍ରୁତି ମିଳିବା ପରେ ପ୍ରତିବାଦରୁ ଓହରିଥିଲେ। ଏ ନେଇ ମିଶନ ଶକ୍ତି ଅଧିକାରୀ ଡ. ବିଶ୍ୱଭୂଷଣ କର କହିଛନ୍ତି, ଆବେଦନକାରୀଙ୍କ ଯାଞ୍ଚ ପ୍ରକ୍ରିୟା ଚାଲିଛି। କୌଣସି ଅନିୟମିତତା ହୋଇନାହିଁ।

## ଦୈନିକ ୨୦୦ ମେଗାୱାଟ ବିଦ୍ୟୁତ୍ କିଣୁଛି ନାଲ୍‌କୋ

ବଣ୍ଡାଁରପାଳ,୧୮।୭(ଉପେନ୍ଦ୍ର ରାଉତ)

ନିମ୍ନମାନର କୋଇଲା ସହ ଫିଡିଂରେ ସମସ୍ୟା କାରଣରୁ ନାଲ୍‌କୋ ଆବଶ୍ୟକ ବିଦ୍ୟୁତ୍ ଉତ୍ପାଦନ କରିପାରୁ ନାହିଁ। ଫଳରେ ଆବଶ୍ୟକତା ମେଣ୍ଟାଇବାକୁ ପ୍ଲାଣ୍ଟ ପକ୍ଷରୁ ଦୈନିକ ୨୦୦ ମେଗାୱାଟ୍ ବିଦ୍ୟୁତ୍ କିଣାଯାଉଛି। ଏ ନେଇ ନାଲ୍‌କୋ ଶ୍ରମିକ କଂଗ୍ରେସ ୟୁନିୟନ ସାଧାରଣ ସମ୍ପାଦକ ବିଭବ ଜେନା ରାଜ୍ୟ ସରକାର ଓ ନାଲ୍‌କୋ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

ଜେନା ଦର୍ଶାଇଛନ୍ତି, ବିଦ୍ୟୁତ୍ କେନ୍ଦ୍ରରୁ ପାଉଁଶ ନିଷ୍କାସନ ବ୍ୟବସ୍ଥା ପାଇଁ ରହିଥିବା ନାଲ୍‌କୋର ଲାଇଫଲାଇନ ଲିଙ୍ଗସ୍ଲରି ପ୍ରକଳ୍ପ ଗତ ୭ଦିନ କାର୍ଯ୍ୟକ୍ଷମ ହୋଇପାରୁ ନାହିଁ। ସ୍ଥାନୀୟ ଲୋକଙ୍କ ଧର୍ମଘଟ ଯୋଗୁ ଏହି ପ୍ରକଳ୍ପ ଜରିଆରେ ଦୈନିକ ଭରତପୁର ଖଣି ଭିତରକୁ ପାଖାପାଖି ୫ ହଜାର ଟନ ପାଉଁଶ ପଠାଯାଇପାରୁ ନାହିଁ। ଫଳରେ ନାଲ୍‌କୋ ଆଶ୍‌ପଣ୍ଡରେ



ପାଉଁଶ ରଖିବା ପାଇଁ ଜାଗାର ଅଭାବ ଦେଖାଦେଇଛି। ସେହିପରି ପୂର୍ବରୁ ଏମ୍‌ସିଏଲ୍‌ରୁ ନାଲ୍‌କୋକୁ ଆବଶ୍ୟକ ୧୭ ରୁ ୧୮ ହଜାର ଟନ୍ କୋଇଲା ରେଳଯୋଗେ ଯୋଗାଣ ହେଉଥିଲା। ଫଳରେ କୋଇଲା ସିଧାସଳଖ ଫିଡିଂ ହୋଇପାରୁଥିଲା। କିନ୍ତୁ ଏବେ ଏମ୍‌ସିଏଲ୍ ନାଲ୍‌କୋ ଆବଶ୍ୟକତାର ୬୦ ଭାଗ କୋଇଲା ପଠାଉଛି। ସେଥିମଧ୍ୟରେ ବହୁ ପରିମାଣର କୋଇଲା ନିମ୍ନମାନର ହୋଇଥିବାରୁ ଠିକ୍ ଭାବରେ ଫିଡିଂ ହୋଇପାରୁନାହିଁ। ଫଳରେ ସିପିପିର ୧୦ଟି ୟୁନିଟ୍ ମଧ୍ୟରୁ ୭ରୁ ୬୦୩ ମେଗାୱାଟ ବିଦ୍ୟୁତ୍ ଉତ୍ପାଦନ ହୋଇପାରୁଛି। ସ୍ମେଲଟର ପ୍ଲାଣ୍ଟର ୯୫୩ ପଟ୍ ଚଳେଇବା ପାଇଁ ୭୭୨ ମେଗାୱାଟ ଓ ଅନ୍ୟ ବ୍ୟବହାର ପାଇଁ ଦୈନିକ ୭୩ ମେଗାୱାଟ ବିଦ୍ୟୁତ୍ ଆବଶ୍ୟକ। ଫଳରେ ନିଅଣ୍ଟ ପଡୁଥିବା ବିଦ୍ୟୁତ୍ ଭରଣା ପାଇଁ ନାଲ୍‌କୋ ପାଖାପାଖି ଦୈନିକ ୨୦୦ ମେଗାୱାଟ ବିଦ୍ୟୁତ୍ କ୍ରୟ କରୁଥିବା ଶ୍ରମିକ ନେତା ଜେନା ପ୍ରେସ୍ ବିବୃତିରେ ଦର୍ଶାଇଛନ୍ତି। ଏ ସମ୍ପର୍କରେ ନାଲ୍‌କୋ ସିପିପି ଓଆଣ୍ଡଏମ୍ ଜିଏମ୍ ଦାୟିତ୍ୱରେ ଥିବା ସଞ୍ଜୀବ କୁମାର କହିଛନ୍ତି, କର୍ଣ୍ଣପୁର ଠାରେ ଲିଙ୍ଗସ୍ଲରି ପ୍ରୋଜେକ୍ଟରେ ଲୋକେ ଆନ୍ଦୋଳନ ଚଳାଇଛନ୍ତି। ଫଳରେ ୨୦୦ ମେଗାୱାଟ ପାଖାପାଖି ବିଦ୍ୟୁତ କିଣାଯାଉଛି।

## ଜୈବବିବିଧତାର ସୁରକ୍ଷା ଉପରେ ଗୁରୁତ୍ୱ




ଅନୁଗୋଳ,୧୮।୭(ଅମିତ ସାମଲ)

ଜୈବବିବିଧତା ବୋର୍ଡର ଅଧ୍ୟକ୍ଷା ମଙ୍ଗଳବାର ଅନୁଗୋଳ ଜିଲାର ଭାଲିଆପାଳ–ମନ୍ଦରପୁର ପରିଦର୍ଶନ କରିଛନ୍ତି। ଏହି ଅବସରରେ ସ୍ଥାନୀୟ ଜୈବବିବିଧତା ପରିଚାଳନା ସମିତିର କର୍ମକର୍ତ୍ତାଙ୍କ ସହିତ ଅଧ୍ୟକ୍ଷା ସ୍ଥାନୀୟ ଜୈବବିବିଧତାର ସୁରକ୍ଷା, ପରିଚାଳନା ଏବଂ ଜୈବ ସମ୍ପଦର ବ୍ୟବହାର ଉପରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରକୃତି ପରିବେଶ ଓ ବନ୍ୟପ୍ରାଣୀ ସମିତି (ନିୟୁଜ) ପକ୍ଷରୁ ପ୍ରସନ୍ନ କୁମାର ବେହେରା, ବଡକେରା ଜୈବ ବିବିଧତା ପରିଚାଳନା ସମିତି ଅଧ୍ୟକ୍ଷ ମୁରଲୀଧର ବେହେରା ଉପସ୍ଥିତ ଥିଲେ। ନିୟୁଜ ଅନୁଷ୍ଠାନର ସୁବ୍ରତ ପ୍ରଧାନ, ପ୍ରିୟବ୍ରତ ବେହେରା, ଅରୁଣ ବେହେରା ସହଯୋଗ କରିଥିଲେ। ଶେଷରେ ଔଷଧୀୟ ଚାରା ରୋପଣ କରାଯାଇଥିଲା।

# ଅଧେ ଭାଙ୍ଗିଲେ, ଅଧେ ଛାଡ଼ିଦେଲେ

### ପୌରପାଳିକାର ପାତରଅନ୍ତର ଅଭିଯୋଗ

ଅନୁଗୋଳ, ୧୮।୭ (ଅମିତ କୁମାର ସାମଲ)

ଜବରଦଖଲ ଉଚ୍ଛେଦ ବେଳେ ଅନୁଗୋଳ ପୌରପାଳିକା ପାତରଅନ୍ତର କରୁଥିବା କେତେଜଣ ବ୍ୟବସାୟୀ ଅଭିଯୋଗ କରିଛନ୍ତି। ଗତ ଶୁକ୍ରବାର ଆମିଷ ବଜାରରେ ଜବରଦଖଲ ଉଚ୍ଛେଦ କରାଯିବା ବେଳେ ହେମସୁରପଡ଼ା ରାସ୍ତା ପାର୍ଶ୍ୱରେ ଥିବା କେତେକ ଦୋକାନ ଭଙ୍ଗାଯାଇଥିଲା। ହେଲେ ୫ ଦିନ ପରେ ମଧ୍ୟ ରାସ୍ତାର ଅପରପାର୍ଶ୍ୱ ଅର୍ଥାତ୍ ଆମିଷ ବଜାର ଛକରୁ ବାଳ ସୁଧାର ଗୃହ ପର୍ଯ୍ୟନ୍ତ ଦୋକାନ ଉଚ୍ଛେଦ କରାଯାଇ ନାହିଁ। ପୌରପାଳିକାର ଏହା ପାତରଅନ୍ତର ବୋଲି ସମ୍ପୃକ୍ତ ବ୍ୟବସାୟୀମାନେ କହିଛନ୍ତି।

ପ୍ରକାଶ ଯେ, ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ନିକଟରେ ଥିବା ଆମିଷ ବଜାର ବାହାରେ କେତେଜଣ ବ୍ୟବସାୟୀ ଜବରଦଖଲ କରି ଆମିଷ ଦୋକାନ କରିଛନ୍ତି। ଏହାକୁ ଉଚ୍ଛେଦ କରିବାକୁ ପୌରପାଳିକା ପକ୍ଷରୁ ଗତ ବୁଧବାର ଡାକବାଜି ଯନ୍ତ୍ରରେ ପ୍ରଚାର କରାଯାଇଥିଲା। ଜବରଦଖଲକାରୀମାନେ ଦୋକାନ ଉଠାଇ ନ ନେଲେ ତାହାକୁ ଭାଙ୍ଗି ଦିଆଯିବ ବୋଲି କୁହାଯାଇଥିଲା। ଏହାପରେ ଶୁକ୍ରବାର ପୌରପାଳିକା ପକ୍ଷରୁ ବୁଲଡୋଜର ଲଗାଯାଇ ଜବରଦଖଲ ସ୍ଥାନରୁ ଦୋକାନ ଭଙ୍ଗାଯାଇଥିଲା। ହେଲେ ଏହାର ୫ ଦିନ ବିତିଯାଇଥିଲେ ମଧ୍ୟ ଆମିଷ ବଜାରର ଅପରପାର୍ଶ୍ୱରେ ଥିବା ଦୋକାନକୁ ଉଚ୍ଛେଦ କରାଯାଉନାହିଁ। କେତେଜଣ ମୁଷ୍ଟିମେୟ ବ୍ୟକ୍ତିଙ୍କ ଆଶୀର୍ବାଦ ସମ୍ପୃକ୍ତ ଜବରଦଖଲକାରୀଙ୍କ ଉପରେ ଥିବାରୁ ପୌର କର୍ତ୍ତୃପକ୍ଷ ସେଠାରେ ବୁଲଡୋଜର ଚଳାଇବାକୁ ଭୟ କରୁଥିବା କେତେଜଣ ବ୍ୟବସାୟୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଅନୁଗୋଳ ପୌରପାଳିକାର ଜଣେ କର୍ମଚାରୀ କହିଛନ୍ତି, ଜବରଦଖଲରେ ଥିବା ସମସ୍ତ ଦୋକାନ ଉଚ୍ଛେଦ କରାଯିବ। ପର୍ଯ୍ୟାୟକ୍ରମେ ଉଚ୍ଛେଦ କାର୍ଯ୍ୟ ଜାରି ରହିଛି। ତେଣୁ କାହାରି ସହ ପାତରଅନ୍ତର କରାଯାଇନାହିଁ।




ହେମସୁରପଡ଼ା ରାସ୍ତା ପାର୍ଶ୍ୱରେ ଥିବା ଆମିଷ ବଜାର।

## ଇକୋ ପାର୍କରେ ହେବ ୱାଟର ଫାଉଣ୍ଟେନ୍

### ଶେଷ ପର୍ଯ୍ୟାୟରେ ସ୍ମାର୍ଟ ପାର୍କ

ଅନୁଗୋଳ, ୧୮।୭ (ଅମିତ କୁମାର ସାମଲ)

ଅନୁଗୋଳ ସହରରେ ଥିବା ଇକୋ ପାର୍କର ନବକଳେବର ହେବାକୁ ଯାଉଛି। କୋଭିଡ୍ ପରଠାରୁ ଏହି ପାର୍କର ଉପଯୁକ୍ତ ଯତ୍ନ ନିଆଯାଇପାରି ନ ଥିଲା। ତେଣୁ ଏହାର ପୁନରୁଦ୍ଧାର କରାଯିବା ସହ ଜିଲାରେ ପ୍ରଥମ ଥର ପାଇଁ ମ୍ୟୁଜିକ୍ ୱାଟର ଫାଉଣ୍ଟେନ୍ ନିର୍ମାଣ କରାଯିବ। ସେହିପରି ନୂଆ ବସ୍ ଟର୍ମିନାଲ ନିକଟରେ ଏକ ସ୍ମାର୍ଟ ପାର୍କର ନିର୍ମାଣ ଜାରି ରହିଛି ବୋଲି ନଗରପାଳ ଅକ୍ଷୟ କୁମାର ସାମନ୍ତ ପ୍ରକାଶ କରିଛନ୍ତି। ନଗରପାଳ କହିଛନ୍ତି, ଅନୁଗୋଳ ପୌରପାଳିକାର ରୂପ ଦିନକୁ ଦିନ ବଦଳୁଛି। ସହରର ସୌନ୍ଦର୍ଯ୍ୟ ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ସ୍ୱଚ୍ଛତା ଠାରୁ ଆରମ୍ଭ କରି ପାନୀୟ ଜଳ ପର୍ଯ୍ୟନ୍ତ ସହରୀ ଲୋକଙ୍କୁ ପୌରପାଳିକା ପକ୍ଷରୁ ଯୋଗାଇ ଦିଆଯାଉଛି। ପରିମଳକୁ ଗୁରୁତ୍ୱ ପ୍ରଦାନ କରାଯିବା ସହ ବର୍ଷା ଦିନରେ କିଭଳି ଡ୍ରେନ୍



ସଫା ରଖିବା, ମଶା ବଂଶ ନିପାତ କରାଯିବ ଦିଗରେ କାର୍ଯ୍ୟ କରାଯାଉଛି। ନିୟମିତ ମଶା ତେଲ ପକାଯିବା ସହ ସଫେଇ କରାଯାଉଛି। ସହରରେ ପ୍ରାୟତଃ ଆଲୋକୀକରଣ କରାଯାଇଛି। କେତେକ ଅଞ୍ଚଳକୁ ଛାଡ଼ିଦେଲେ ପ୍ରାୟ ସମସ୍ତ ସ୍ଥାନକୁ ପାଇପ୍ ପାନୀୟ ଜଳ ଯୋଗାଇ ଦିଆଯାଇଛି। ଯେଉଁଠି ସମସ୍ୟା ରହିଛି, ଖୁବ୍‌ଶୀଘ୍ର ତାହାର ସମାଧାନ କରାଯିବ। ମୁକ୍ତା ଯୋଜନାରେ ପ୍ରତିଟି ୱାର୍ଡରେ ପାର୍କ ବ୍ୟବସ୍ଥା କରାଯିବା ସହ ମୁକ୍ତାକାଶ ପାର୍କ, ମୁକ୍ତାକାଶ ଜିମ୍, ପିଲାଙ୍କ ଖେଳ କୁଦ ପାଇଁ ବ୍ୟବସ୍ଥା, ପରିଚୟ ଗୃହ ଆଦି ଉନ୍ନୟନ କାର୍ଯ୍ୟ ଜାରି ରହିଛି। ଆଗାମୀ ଦିନରେ ହୁଲୁରିସିଂହା, ଅମଲାପଡ଼ା, ଶିକ୍ଷକପଡ଼ା, ହେମସୁରପଡ଼ାରେ ମଣ୍ଡପ ନିର୍ମାଣ କରାଯିବାକୁ ପ୍ରଶାସନ ପକ୍ଷରୁ ଯୋଜନା ରଖାଯାଇଥିବା ପୌରାଧ୍ୟକ୍ଷ ପ୍ରକାଶ କରିଛନ୍ତି।

# ବାପ, ପୁଅଙ୍କୁ ଆଜୀବନ କାରାଦଣ୍ଡ

### ଶାବଳରେ ପିଟି ଯୁବକଙ୍କୁ ହତ୍ୟା ମାମଲା

ଅନୁଗୋଳ, ୧୮।୭ (ଅମିତ କୁମାର ସାମଲ)

ଅନୁଗୋଳ ଜିଲା ବନ୍ତଲା ଥାନା ପୁରୁଣାଗଡ଼ କରମଙ୍ଗା ସାହିରେ ୨୦୨୧ ନଭେମ୍ବର ୩ରେ ଶୁଭାଶିଷ ମହାପାତ୍ରଙ୍କୁ ହତ୍ୟା କରାଯାଇଥିଲା। ଏହି ମାମଲାର ବିଚାର କରୁଥିବା ଅନୁଗୋଳ ଅତିରିକ୍ତ ଜିଲା ଓ ଦୌରା ଜଜ୍ ରଞ୍ଜିତା ଜ୍ୟୋତିଷି ମଙ୍ଗଳବାର ଅଭିଯୁକ୍ତ ସୁବାସ ଚନ୍ଦ୍ର ଦୋରା(୬୨) ଓ ତାଙ୍କ ପୁଅ ମନୋରଞ୍ଜନ ଦୋରା(୨୭)ଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ ହଜାର ଟଙ୍କା ଲେଖାଏ ଜରିମାନା ଦେବାକୁ ରାୟରେ ଉଲ୍ଲେଖ କରିଛନ୍ତି।

ମାମଲାରୁ ପ୍ରକାଶ ଯେ, ଅଭିଯୁକ୍ତ ସୁବାସ ଓ ମନୋରଞ୍ଜନଙ୍କ ସହ ମିଶି ଶୁଭାଶିଷ ଦଣ୍ଡ ନାଚ କରୁଥିଲେ। ଏ ବାବଦ କିଛି ଟଙ୍କା ଶୁଭାଶିଷଙ୍କର ପାଇବାର ଥିଲା। ଉକ୍ତ ଟଙ୍କା ମାଗିବାକୁ ଶୁଭାଶିଷ ୨୦୨୧ ନଭେମ୍ବର ୩ରେ ଅଭିଯୁକ୍ତ ସୁବାସଙ୍କ ଘରକୁ ଯାଇଥିଲେ। ହେଲେ ସେଠାରେ ଉଭୟଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ରାତିରେ କରମଙ୍ଗା ଛକରେ ଏକ ଫାଷ୍ଟଫୁଡ୍ ଦୋକାନ ନିକଟରେ ଶୁଭାଶିଷ ଥିବାବେଳେ ଅଭିଯୁକ୍ତ ସୁବାସ ଓ ମନୋରଞ୍ଜନ ତାଙ୍କୁ ଶାବଳରେ ଆକ୍ରମଣ କରିଥିଲେ। ଶୁଭାଶିଷଙ୍କ ମା’ ସୁଷମା ମହାପାତ୍ର ସେଠାରେ ପହଞ୍ଚିବାରୁ ତାଙ୍କୁ ମଧ୍ୟ ୨ ଅଭିଯୁକ୍ତ ମାରଧର କରିଥିଲେ। ସୁଷମାଙ୍କ ପାଟି ଶୁଣି ଗାଁ ଲୋକେ ପହଞ୍ଚିଯିବାରୁ ଅଭିଯୁକ୍ତ ବାପ ଓ ପୁଅ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଗୁରୁତର ଶୁଭାଶିଷଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ହତ୍ୟାକାଣ୍ଡ ସମ୍ପର୍କରେ ମୃତ ଶୁଭାଶିଷଙ୍କ ମା’ ସୁଷମା ବନ୍ତଲା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ନଂ. ୨୯୮/୨୧ରେ ମାମଲା ରୁଜୁ କରି ୨ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ମୋଟ ୧୭ ଜଣଙ୍କ ସାକ୍ଷ୍ୟ ଓ ପ୍ରମାଣକୁ ଭିତ୍ତିକରି ଅଦାଲତ ୨ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ତାପସ ରଞ୍ଜନ ମିଶ୍ର ପରିଚାଳନା କରିଥିଲେ।

### ନ୍ୟାୟ ମିଳିଲା: ସୁଷମା

କରମଙ୍ଗା ଗାଁର ଯୁବକ ଶୁଭାଶିଷଙ୍କ ହତ୍ୟା ମାମଲାର ରାୟ ମଙ୍ଗଳବାର ପ୍ରକାଶ ପାଇବା ପରେ ଏହାକୁ ସ୍ୱାଗତ କରିଛନ୍ତି ମୃତ ଶୁଭାଶିଷଙ୍କ ମା’ ସୁଷମା ମହାପାତ୍ର। ନିଜ ପ୍ରତିକ୍ରିୟାରେ ସେ କହିଛନ୍ତି, ହତ୍ୟାକାରୀ ସେମାନଙ୍କ କଲାକର୍ମର ଫଳ ପାଇଛନ୍ତି। ସତ୍ୟର ବିଜୟ ହୋଇଛି। ତାଙ୍କୁ ନ୍ୟାୟ ମିଳିଛି। ବାପ ଛେଉଣ୍ଡ ପୁଅକୁ ମାରି ବଂଶ ନିପାତ କରିଥିବା ୨ ଅଭିଯୁକ୍ତଙ୍କୁ ଅଦାଲତ ଉଚିତ ଦଣ୍ଡ ଦେଇଥିବା ସୁଷମା ପ୍ରକାଶ କରିଛନ୍ତି।

# ୧୪ ଧର୍ମାନୁଷ୍ଠାନକୁ ୭୦ ଲକ୍ଷ ଅନୁଦାନ

### କୃତଜ୍ଞତା ଜଣାଇଲା ଅନୁଗୋଳ ପୌରପାଳିକା

ଅନୁଗୋଳ, ୧୮।୭ (ଅମିତ କୁମାର ସାମଲ)

ରାଜ୍ୟ ସରକାରଙ୍କ ୫–ଟି ସଚିବ ଭି. କାର୍ତ୍ତିକେୟନ୍ ପାଣ୍ଡିଆନଙ୍କ ଅନୁଗୋଳ ଗସ୍ତର ୭ ଦିନ ମଧ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁଗୋଳ ସହରରେ ଥିବା ୧୪ଟି ଧର୍ମାନୁଷ୍ଠାନର ବିକାଶ ପାଇଁ ୭୦ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ଏଥିପାଇଁ ପୌରପାଳିକା ପକ୍ଷରୁ ମଙ୍ଗଳବାର ରାଜ୍ୟ ସରକାର ଓ ୫–ଟି ସଚିବଙ୍କୁ କୃତଜ୍ଞତା ଜଣାଯାଇଛି।

ପୌରପରିଷଦ ସଭା କକ୍ଷରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ନଗରପାଳ ଅକ୍ଷୟ କୁମାର ସାମନ୍ତ କହିଛନ୍ତି ଯେ, ଅନୁଗୋଳ ପୌରପାଳିକା ଅଧୀନରେ ଥିବା ହେମସୁରପଡ଼ା ଶନି ମନ୍ଦିର, ରାଜକିଶୋରପଡ଼ା ଶନିମନ୍ଦିର, ହେମସୁରପଡ଼ା ନାଖରାସାହି ମଙ୍ଗଳା ମନ୍ଦିର, ହୁଲୁରୁସିଂହା ଆମ୍ବେଡକରନଗରରେ ଥିବା ମା’ ମଙ୍ଗଳା ମନ୍ଦିର, ଶିମିଳିପଡ଼ାସ୍ଥିତ ଚର୍ଚ୍ଚ, ଅନୁଗୋଳର ଜାମା ମସ୍‌ଜିଦ, ଅମଲାପଡ଼ାରେ ଥିବା ଛୋଟ ମସ୍‌ଜିଦ, ଶୁଖୁଆ ସାହି ମଙ୍ଗଳା ମନ୍ଦିର, ହୁଲୁରୁସିଂହା ନେତାଜୀ କମ୍ୟୁନିଟି ସେଣ୍ଟର, ବ୍ରାହ୍ମଣୀଦେଈପଡ଼ାସ୍ଥିତ ବ୍ରାହ୍ମଣଦେଈ ମନ୍ଦିର, ରାଧାମାଧବପଡ଼ା ମଙ୍ଗଳା ମନ୍ଦିର, ମାଟିଆ ସାହି ମଙ୍ଗଳା ମନ୍ଦିର ନିକଟ କମ୍ୟୁନିଟି ସେଣ୍ଟର୍, ଅମଲାପଡ଼ା ରାଧାକୃଷ୍ଣ ମନ୍ଦିର ଓ ହନୁମାନ ମନ୍ଦିରର ଉନ୍ନତୀକରଣ ପାଇଁ ମୁଖ୍ୟମନ୍ତ୍ରୀ ୫ଲକ୍ଷ ଟଙ୍କା ଲେଖାଏ ଅନୁଦାନ ମଞ୍ଜୁର କରିଛନ୍ତି। ଏଥିସହ ଆମ ପୋଖରୀ ଯୋଜନାର ପ୍ରାଥମିକ ପର୍ଯ୍ୟାୟରେ ସହରର ୩ଟି ପୋଖରୀକୁ ସାମିଲ କରାଯାଇଛି। ଅନ୍ୟ ଏକ ପୋଖରୀକୁ ମଧ୍ୟ ଏଥିରେ ସାମିଲ କରାଯିବ। ସେହିପରି ସହରର ବିଭିନ୍ନ ବଡ଼ ପ୍ରକଳ୍ପକୁ ମଧ୍ୟ ଖୁବ୍‌ଶୀଘ୍ର ମୁଖ୍ୟମନ୍ତ୍ରୀ ଅନୁମୋଦନ କରିବେ। ଏହାଦ୍ୱାରା ଅନୁଗୋଳ ସହର ଆହୁରି ବିକାଶ ହେବ ବୋଲି ପୌରାଧ୍ୟକ୍ଷ ସାମନ୍ତ ପ୍ରକାଶ କରିଥିଲେ। ଏଥିପାଇଁ ପୌରପାଳିକା ପକ୍ଷରୁ ସେ ମୁଖ୍ୟମନ୍ତ୍ରୀ ଓ ୫–ଟି ସଚିବଙ୍କୁ କୃତଜ୍ଞତା ଜଣାଇଥିଲେ। କାଉନସିଲ ପକ୍ଷରୁ ମଧ୍ୟ ଧନ୍ୟବାଦ ଦେଇଥିଲେ। ଏହି ଖବରଦାତା ସମ୍ମିଳନୀରେ କାଉନସିଲର ସୁକାନ୍ତି ଦାସ, ସୂର୍ଯ୍ୟସ୍ନାତା ସାହୁ, ବଳରାମ ଜେନା, ଶଙ୍କର ସେଠୀ, ସଦାନନ୍ଦ ପଣ୍ଡା, ଓ କାଉନସିଲର ଚୁନି ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



ପୌରପରିଷଦ ସଭା କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପୌରାଧ୍ୟକ୍ଷଙ୍କ ସମେତ କାଉନସିଲରମାନେ।

